## ଖରାପ ପାଗ ଯୋଗୁ ଗୋଦାବରୀ ନଦୀରେ ଦୁର୍ଘଟଣା

# ଡଙ୍ଗାବୁଡ଼ି ୨୩ ନିଖୋଜ

ହାଇଦ୍ରାବାଦ, ୧୫।୫/ଏଜେନ୍ସି:

ଆନ୍ଧ୍ରପ୍ରଦେଶରେ ଗୋଦାବରୀ ନଦୀରେ ଏକ ଯାତ୍ରୀବାହୀ ଡଙ୍ଗା ବୁଡ଼ିଯାଇଛି। ଯାତ୍ରୀମାନଙ୍କ ମଧ୍ୟରୁ ୧୦ ଜଣ ପହଁରି କୂଳରେ ପହଞ୍ଚି ଥିବା ବେଳେ ୧୭ ଜଣଙ୍କୁ ଉଦ୍ଧାର କରାଯାଇଛି। ୨୩ ଜଣ ଏଯାଏ ନିଖୋଜ ଅଛନ୍ତି। ହଠାତ୍ ଖରାପ ପାଗ ଓ ପବନର ବେଗ ତୀବ୍ର ହେବାରୁ ପ୍ରାୟ ୫୦ ଜଣଙ୍କୁ ନେଇ ଯାତ୍ରା କରୁଥିବା ଏହି ଡଙ୍ଗା ବୁଡ଼ିଯାଇଥିଲା। ଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ଥିଲେ ଯେଉଁମାନେ କୋଣ୍ଡମଣ୍ଡାଲୁରୁ ରାଜାମୁନ୍ଦ୍ରୀ ଯାଉଥିଲେ। ସନ୍ଧ୍ୟା ୭ଟା ସମୟରେ ପବନର ବେଗ ବଢ଼ିବାରୁ ଏହି ଡଙ୍ଗା ଦେବୀପଟନମ୍ ବ୍ଲକର ମଣ୍ଟୁର ନିକଟରେ ଭାରସାମ୍ୟ ହରାଇବା ଆରମ୍ଭ କରିଥିଲା। ଏହି ଯାତ୍ରୀଙ୍କ ମଧ୍ୟରେ ଏକ ୨୦ ଜଣିଆ ବରଯାତ୍ରୀ ଦଳ ମଧ୍ୟ ଥିଲେ ବୋଲି କୂଳରେ ପହଞ୍ଚିପାରିଥିବା ଯାତ୍ରୀମାନେ ସୂଚନା ଦେଇଛନ୍ତି। ସ୍ଥାନୀୟ ଆଦିବାସୀମାନେ ତୁରନ୍ତ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଦେଇଥିବାବେଳେ ଏନ୍‌ଡିଆର୍‌ଏଫ୍ ଟିମ୍ ସହିତ ଜିଲ୍ଲା ପ୍ରଶାସନ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ଖବର ପାଇ ପୂର୍ବ ଓ ପଶ୍ଚିମ ଗୋଦାବରୀ ଜିଲ୍ଲାର ସ୍ୱତନ୍ତ୍ର ପୁଲିସ୍ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଡଙ୍ଗାବୁଡ଼ି ସମ୍ପର୍କରେ ଜାଣିବା ପରେ ଲକ୍ଷ୍ମୀ ଭେଙ୍କଟେଶ୍ୱର ବୋଟ୍ ସର୍ଭିସ୍‌ର ଡଙ୍ଗା ମାଲିକ ମହମ୍ମଦ ଖ୍ୱାଜା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛି । ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଏହି ଦୁର୍ଘଟଣାରେ ବଞ୍ଚିଯାଇଥିବା ଲୋକଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

Wed, May 16, 2018